# Akashvani, Sambalpur

## SAMBALPURI NEWS MORNING BULLETIN

## 7 May 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ- ଗୁଜୁରାଟ୍        ଆଇ ଆଣ୍ଡ୍ ପି.ଆର୍

ଗୁଜୁରାଟ୍‌ର ମୁନ୍ଦ୍ରା ବନ୍ଦର୍ ପରିଦର୍ଶନ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦେଶର୍ ସନ୍ତୁଳିତ ଶିଳ୍ପ ଅଭିବୃଦ୍ଧି ଲାଗି ଦ୍ୱିପାକ୍ଷିକ ଉପକୂଳ ରଣନୀତି ପ୍ରସ୍ତାବ୍ ଦେଇଛନ୍ । ଶିଳ୍ପ ଜଗତ୍‌ର ନେତୃବୃନ୍ଦ ମାନ୍‌କୁ ସମ୍ବୋଧିତ୍ କରିକରି ସେ କହିଛନ୍, ପଶ୍ଚିମ ଉପକୂଳର୍ ଦକ୍ଷତା ଆଉ ପୂର୍ବ ଉପକୂଳର ସୁଯୋଗ୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି ଦେଶର୍ ଶିଳ୍ପ ବିପ୍ଳବକେ ଆଗ୍‌କେ ନିଆଯିବାର୍ ଦର୍‌କାର୍ । ମୁଖ୍ୟମନ୍ତ୍ରୀ ଓଡ଼ିଶାକେ ଦେଶର୍ ହେବାର୍‌କେ ଥିବା ଅଭିବୃଦ୍ଧିର୍ ପ୍ରବେଶ୍ ଦ୍ୱାର ଭାବେ ଉପସ୍ଥାପନ୍ କରିକରି କହିଛନ୍, ଧାମ୍‌ରା, ପାରାଦ୍ୱୀପ୍ ଆଉ ଗୋପାଲ୍‌ପୁର୍ ବାଗିର୍ ବନ୍ଦର୍ ପୂର୍ବ ଭାରତ୍‌ର ପ୍ରଗତିକେ ନୂଆଁ ଦିଗ୍ ଦେବା । ଇହାଦେତକ୍ ରାଏଜେ ୮ ଦଶ୍‌ମିକ୍ ୩/୭ ଲାଖ୍ କୋଟି ଟଙ୍କାର୍ ୪ ଶହ ୩୩ ଟା ନିବେଶ୍

ପ୍ରସ୍ତାବ୍ ଅନୁମୋଦିତ୍ ହେଇଥିବାର୍ ବେଳେ ୨ ଦଶ୍ମିକ୍ ୮/୬ ଲାଖ୍ କୋଟି ଟଙ୍କାର୍ ଶହେ ୪୮ ଟା ପ୍ରକଳ୍ପର୍ କାମ୍ ମୁଲ୍ ହେଇସାରିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବାଚସ୍ପତି ସମ୍ମିଳନୀ ଆଇ ଆଣ୍ଡ୍ ପି.ଆର୍

ରାଜସ୍ଥାନ୍‌ର ଜୟପୁର୍ ଠାନେ ବିଧାନ୍‌ସଭା କମିଟି ବାବଦ୍ ୨ ନମ୍ବର୍ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ହେଇଯାଇଛେ । ଇଥି ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀ ଯୋଗ୍ ଦେଇକରି ବିଧାନ୍‌ସଭା କମିଟିମାନ୍‌କୁ ଆଏବା ଦିନେ ଅଏତ୍‌କା ପ୍ରଭାବଶାଳୀ ଆଉ ଶୃଙ୍ଖଲିତ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ସେ କହିଛନ୍, ବିଧାନ୍‌ସଭା ହେଉଛେ ଗଣତନ୍ତ୍ରର୍ ମନ୍ଦିର୍ ଆଉ ସାଧାରଣ୍ ଲୁକଙ୍କର୍ ଆଶା, ଆକାଂକ୍ଷାକେ ବଜାୟ ରଖିବାର୍ ଆମର୍ ସମ୍‌କର୍ କର୍ତବ୍ୟ । ସମ୍ମିଳନୀଥି ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲାଙ୍କର୍ ତର୍‌ଫୁ ଗଠନ୍ କରାଯାଇଥିବା ୭ ଟା ରାଜ୍ୟର୍ ବାଚସ୍ପତିଙ୍କର୍ କମିଟି-ବିଧାନ୍‌ସଭାର୍ କମିଟି ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବାର୍ ବାବ୍‌ଦେ ଆଲୋଚନା କରିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍- ଏନ୍‌ଇପି ଏକ୍ସ

ପ୍ରଶାସନ୍‌କେ ବର୍‌କସ୍ କର୍‌ବାର୍ ଆଉ ଶିକ୍ଷା ଫଲାଫଲ୍‌କେ ଉନ୍ନତ୍ କର୍‌ବାର୍‌ଥି ବିଦ୍ୟାଳୟ ପରିଚାଳନା କମିଟିର୍ ବହୁତ୍ ବଡ଼ ଭୂମିକା ରହିଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ବିଦ୍ୟାଳୟ ପରିଚାଳନା କମିଟିର୍ ନିର୍ଦ୍ଦେଶାବଳୀକେ ଉନ୍ମୋଚନ୍ କରିକରି ଶ୍ରୀ ପ୍ରଧାନ୍ କହିଛନ୍, ଫି’ ଶିକ୍ଷାବଛର୍, ଆଘର୍ ବଛର୍‌ର ସମୀକ୍ଷା ସହେତେ ମୁଲ୍ ହେସି । ଯେନ୍‌ଟା ଆଏବା ଖେପ୍ ଲାଗି ନୂଆଁ ନିହି ଥାପ୍‌ନା କର୍‌ସି । ଜାତୀୟ ଶିକ୍ଷାନୀତି ୨୦୨୦ ସହେତେ ତାଲ୍‌ମେଲ୍ ରଖିକରି ବିଦ୍ୟାଳୟ ପରଚାଲନା କମିଟି ଅଏତ୍‌କା ଭାଗିଦାରୀ, ଉନ୍ନତ୍ ବିଦ୍ୟାଳୟ ଭିତିଭୂମି ଆଉ ଆଧୁନିକ୍ ଶିକ୍ଷା ପଦ୍ଧତି ଉପ୍‌ରେ ଜୋର୍ ଦଉଛେ ।

କୃଷ୍ଣଚନ୍ଦ୍ର ମହାପାତ୍ର -ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟକେ ସାକାର୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ସହର୍ ଉନ୍ନୟନ୍‌ଥି ଗତିଶୀଳ ରୋଡ୍‌ମେପ୍ ତିଆର୍ କରିଛନ୍ । ଭୁବ୍‌ନେଶ୍ୱର୍ ନ ହେଇଥିବା ସମୀକ୍ଷା ବୈଠକ୍‌ଥି ଗୃହ

ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍, ଖାଲି ଇ ଭିତିଭୂମି ନୁହେଁ, ଲୁକଙ୍କର୍ ଜୀବନ୍‌ଶୈଳୀଥି ପରିବର୍ତନ୍ ହିଁ ପ୍ରକୃତ୍ ସଫଲତା ଆଏ । ୨୦୩୬ ମସିହାତକ୍ ସହରାଂଚଲ୍‌ର ୮୦ ପ୍ରତିଶତ୍ ଲୁକ୍‌କୁ ଆବାସ୍ ସୁବିଧା ଯୁଗେଇ ଦେବାର୍ ଲାଗି 'ସମସ୍ତଙ୍କ ପାଇଁ ଛାତ' ଅଭିଯାନ୍ ମୁଲ୍ ହେବା ବଲି ମନ୍ତ୍ରୀ ଘୋଷ୍‌ନା କରିଛନ୍ । ଭଡ଼ା ଆଧାରିତ୍ ଆବାସ ମୋଡ଼େଲ୍‌ର ପାଇଲଟ୍ ପ୍ରକଳ୍ପ ରାଉର୍‌କେଲାନୁ ମୁଲ୍ ହେବା । ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ଯୋଜ୍‌ନାଥି ପହେଲା ଖେପେ ୪୯ ଟା ସହର୍ ନ ପାଏନ୍, ରାସ୍ତା ଆଉ ଡ୍ରେନେଜ୍ ବ୍ୟବସ୍ଥାର୍ ଉନ୍ନତି କରାଯିବା ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ସିବିଏଫ୍‌ସି ଅଧ୍ୟକ୍ଷ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ଶଶୀ ଶେଖର୍ ଭେମ୍‌ପତି ଙ୍କୁ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ୍ ବୋର୍ଡ଼ ସିବିଏଫ୍‌ସିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ । ଇ ବାବ୍‌ଦେ ସୂଚନା, ପ୍ରସାରଣ୍ ମନ୍ତ୍ରଣାଳୟ ତର୍‌ଫୁ ବିଜ୍ଞପ୍ତି ଜାରି କରାଯାଇଛେ । ଶ୍ରୀ ଭେମ୍‌ପତି ଆଏବା ୩ ବଛର୍ ଲାଗି ଇ

ପଦ୍‌ବୀଥ୍ ରହେବେ । ଗଣମାଧ୍ମ୍ ପ୍ରସାରଣ୍ ଆଉ ସାଧାରଣ୍ ଯୋଗାଯୋଗ୍ କ୍ଷେତ୍ରଥ୍ ତାଙ୍କର୍ ବହୁତ୍ ଦିନର୍ ଅଭିଜ୍ଞତା ରହିଛେ ।

କର୍ମଶାଳା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ମହିଳା ସଶକ୍ତିକରଣ୍ କେନ୍ଦ୍ର ତର୍‌ଫୁ ଅନ୍‌ଲାଇନ୍ ସୁରକ୍ଷା, ସାଇବର୍ ଅପରାଧ୍ ଆଉ ଡିଜିଟାଲ୍ ବୁଲିଂ ଉପ୍‌ରେ ଗୁଟେ ଜିଲ୍ଲାସ୍ତରୀୟ କର୍ମଶାଳା ହେଇଯାଇଛେ । ବେଟି ବଚାଓ ବେଟି ପଢ଼ାଓ ଯୋଜ୍‌ନା ଅଧୀନ୍‌ଥ୍ ହେଇଥ୍‌ବା ଇ କାର୍ଯ୍ୟକ୍ରମ୍‌କେ ଜିଲ୍ଲାପାଳ୍ ମଧୁସୂଦନ୍ ଦାସ ଉଦ୍‌ଘାଟନ୍ କରିକରି ସାଇବର୍ ଠକେଇନୁ ସଚେତନ୍ ରହେବାର୍ ଆଉ ତାର୍ ପ୍ରତିକାର୍‌ର ଉପେ ବାବ୍‌ଦେ ସମ୍‌କୁ ଜନେଇଥ୍‌ଲେ । ଇତାର୍‌ସହେତେ ସଡ଼କ୍ ସୁରକ୍ଷା ଲାଗି ହେଲ୍‌ମେଟ୍ ପନ୍ଧ୍‌ବାର୍ ଗୁରୁତ୍ୱ ଉପ୍‌ରେ ଜୋର୍ ଦେଇକରି ହେଲ୍‌ମେଟ୍ ହବ୍ ବିଷେଥ୍ ଭିଲ୍ ଆଲୋଚନା କରିଥ୍‌ଲେ ।

ଧାନ୍ ଘିନା ବୈଠକ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣପୁର୍ ଜିଲ୍ଲା ନ ଆଏବା ୨୨ ତାରିଖ୍‌ନୁ ରବି ଧାନ୍ ଘିନା ମୁଲ୍ ହେବା । ଇ ବାବ୍‌ଦେ ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ଧାନ୍ ଘିନା କମିଟି ବୈଠକ୍ ହେଇଯାଇଛେ । ଚଲ୍‌ତି କେ.ଏମ୍.ଏସ୍. ୨୦୨୫-୨୬ ଲାଗି ସାଧାରଣ୍ ଧାନ୍‌ର କ୍ୱିଂଟାଲ୍ ପିଛା ୨୩ ଶହ ଅଣସ୍ତୋର୍ ଟଙ୍କା ଆଉ ଏ ଗ୍ରେଡ୍ ଧାନ୍ ଲାଗି ୨୩ ଶହ ଅଣାନବେ ଟଙ୍କା ଧାରିଜ୍ କରାଯାଇଛେ । ଇ ବଛର୍ ୪୨ ହଜାର୍ ୭ ଶହ ୨ ଝନ୍ ଚାଷୀ ପଞ୍ଜିକରଣ୍ କରିଥିବାର୍ ବେଲେ ୬୬ ଟା ପେକ୍ସ, ୧୯ ଟା ମହିଲା ସ୍ୱୟଂ ସହାୟକ ଗୋଷ୍ଠୀ ଆଉ ୫୫ ଝନ୍ ମିଲର୍ ଧାନ୍ ଘିନା ପ୍ରକ୍ରିୟାଥି ସାମିଲ୍ ହେବେ ବଲି ବୈଠକ୍‌ନୁ ଜନାପଡ଼ିଛେ ।

ଜିଲ୍ଲା ଯୋଜନା ବୋର୍ଡ଼ -ବୈଠକ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ପରିଷଦ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍ ସମୀକ୍ଷା କରାଯାଇଛେ । ଜିଲ୍ଲା ନ ବାଏଲ୍ ଚୁରୀକେ ରୁକ୍‌ବାର୍,

ଗଛ୍ ଲଗା କାର୍ଯ୍ୟକ୍ରମ୍ଥି ଜନପ୍ରତିନିଧି ମାନ୍କୁ ସାମିଲ୍ କର୍ବାର୍ ଆଉ ସୋଲାର୍ ପାୱାର୍ ବେଭାର୍କେ ତହଁକାବାର୍ ବାବ୍ଦେ ଆଲୋଚନା କରାଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ କାଲ୍ବୈଶାଖୀର୍ ବଲେ ବର୍ଷା ହେବାର୍ନୁ ତାପମାତ୍ରା କମିଛେ । ମାଲ୍କାନ୍ଗିରି ନ ଗଲାକାଏଲ୍ ଦିନର୍ ସବୁନୁ ଜହ ତାପମାତ୍ରା ୩୯ ଦଶ୍ମିକ୍ ୬ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ୍ କରାଯାଇଥିଲା । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ବିଜ୍ଲି ଘଡ଼୍ଘଡ଼ି ସହେତେ ଜବର୍ ବର୍ଷା ହେବା ବଲି ରାଜ୍ୟର୍ ୧୬ ଟା ଜାଗାକେ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏବା ୬/୭ ଦିନ୍ ତକ୍ ରାଜ୍ୟର୍ ତାପମାତ୍ରାଥି ଖାସ୍ ପରିବର୍ତ୍ତନ୍ ନାଇଁନ ବଲି କେନ୍ଦ୍ର ତର୍ଫୁ କୁହାଯାଇଛେ ।